ODM
EDUCATIONAL GROUP
*Changing your Tomorrow*

# MORNING PRAYER





[redacted]

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ODM PUBLIC SCHOOL

**SESSION :9**
**CLASS :3**
**SUBJECT : ODIA**
**CHAPTER NUMBER: 12**
**CHAPTER NAME :ଆମ ଗାଁ**
**SUBTOPIC : ଅଭ୍ୟାସ-୩, ଅଭ୍ୟାସ -୪ ଓ ଅଭ୍ୟାସ-୧୩**



Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

ଅଧ୍ୟୟନର ଉଦ୍ଦେଶ୍ୟ –


ପିଲାମାନଙ୍କର ଶ୍ରବଣ ,କଥନ,ପଠନ,ଲିଖନ ଓ ଯୁକ୍ତାକ୍ଷର ଶବ୍ଦ ଉଚ୍ଚାରଣ  ଶୈଳୀ ର ଅଭିବୃଦ୍ଧି କରାଇବା |



# ଆମ ଗାଁ



# ଆମ ଗାଆଁ



ଆମ ଗାଁର ନାମ ପୁଷ୍ପପୁର । ଏହାକୁ ଘେରି ରହିଛି ସବୁଜ ଶସ୍ୟକ୍ଷେତ । ଅଳ୍ପଦୂରରେ ଟିକିନଈଟି କୁଳୁକୁଳୁ ଶବ୍ଦ କରି ବହିଯାଉଛି । ଗାଁମୁଣ୍ଡରେ ଶିବମନ୍ଦିର ଅଛି । ଗାଁର ଅଧାରୁ ଅଧିକ ଲୋକ ଚାଷ କାମ କରି ପେଟ ପୋଷନ୍ତି । କ୍ଷେତରେ ଧାନ, ଗହମ, ମୁଗ, ବିରି ଓ ଚିନାବାଦାମ ଚାଷ କରନ୍ତି । ନିଜ ପରିବାର ଚଳିବାପାଇଁ ଖାଦ୍ୟଶସ୍ୟ ରଖି ଅବଶିଷ୍ଟ ବିକ୍ରି କରିଥା'ନ୍ତି । ଏହାଫଳରେ ଅନ୍ୟ ଲୋକମାନେ ସେ ସବୁ ସୁବିଧାରେ ପାଇପାରନ୍ତି ।

48CH7N



ଗାଁର ଆଉ କେତେକ ଲୋକ କାଠରେ ଖଟ, ଚଉକି, ଟେବୁଲ, କବାଟ ଓ ଝରକା ଆଦି ତିଆରି କରନ୍ତି । ସେମାନଙ୍କୁ କାଠ ମିସ୍ତ୍ରୀ କୁହାଯାଏ । ଯାହାର ଯେଉଁ ଜିନିଷ ଦରକାର ସେ ତା'ର ଉଚିତ ଦାମ୍ ଦେଇ ସେମାନଙ୍କଠାରୁ କିଣିଥା'ନ୍ତି ।

ଗାଁରେ ନାନାପ୍ରକାର ପର୍ବପର୍ବାଣି ପାଳିତ ହୁଏ । ଲୋକମାନେ ପରସ୍ପର ମିଳିମିଶି ମନପୂର୍ତ୍ତିରେ ପର୍ବପର୍ବାଣି ପାଳିଥା'ନ୍ତି । ଗାଁର ପରିବେଶକୁ ସବୁଜ ସତେଜ ରଖିବାପାଇଁ ଲୋକମାନେ ବୃକ୍ଷରୋପଣ କରନ୍ତି । ଫଳରେ ଗାଁଠାରୁ ଅଳ୍ପ ଦୂରରେ ସୁନ୍ଦର ଜଙ୍ଗଲଟିଏ ସୃଷ୍ଟି ହୋଇଛି । ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ ସତ୍ ପରିଶ୍ରମ କେବେ ହେଲେ ନିଷ୍ଫଳ ହୁଏ ନାହିଁ ।




ଗାଁରେ ବହୁତ ଲୋକ ଫୁଲଚାଷ କରୁଥିବାରୁ ଗାଁଟିର ନାମ ପୁଷ୍ପପୁର ରଖାଯାଇଛି ।



ଗାଁର ଅଳ୍ପ କିଛି ଲୋକ ମାଟିରେ ହାଣ୍ଡି, ମାଠିଆ, ସରା ଗଢ଼ନ୍ତି ।






ଆଉ କେତେକ ଲୋକ ଲୁହାକାମ କରି ପେଟ ପୋଷନ୍ତି । ସେମାନେ ଦାଆ, କଟୁରି, ପନିକି, ପିଠାଖଡ଼ିକା, କୋଡ଼ି, କୋଦାଳ ଆଦି ତିଆରି କରନ୍ତି ।

PATHAGARA ODIAPORTAL.IN
By OdiaPortal.in

କେତେକ ଲୋକ ଗ୍ରାମବାସୀମାନଙ୍କର ମଇଳା ଲୁଗା ଓ ପୋଷାକ ସଫା କରନ୍ତି । ସେଗୁଡ଼ିକ ସାବୁନ ଓ ଲୁଗାସଫା ପାଉଡର୍‌ରେ ସଫାକରନ୍ତି ଓ ଇସ୍ତ୍ରୀକରି ପାରିଶ୍ରମିକ ନିଅନ୍ତି ।





ଗାଁର କିଛି ଲୋକ ନଈ,ନାଳ, ପୋଖରୀରୁ ମାଛଧରି ପେଟପୋଷନ୍ତି । କେତେକଲୋକ ଗାଈ, ମଇଁଷି ପାଳନ କରନ୍ତି । ସେମାନେ କ୍ଷୀର ବିକ୍ରିକରି ଜୀବିକାନିର୍ବାହ କରନ୍ତି ।

ODM EDUCATIONAL GROUP

ଆମ ଗାଁର ବାଚସ୍ପତି ମହାରଣା ଜଣେ ମୂର୍ତ୍ତିକାରିଗର । ସେ ପଥରରେ ସୁନ୍ଦରସୁନ୍ଦର ମୂର୍ତ୍ତି ତିଆରି କରନ୍ତି । ତାଙ୍କ ହାତର ସ୍ପର୍ଶ ପାଇ ପଥରର ମୂର୍ତ୍ତି ଜୀବନ୍ତ ହୋଇଉଠେ ।



ଗାଁର ଲୋକମାନେ ଭିନ୍ନଭିନ୍ନ କାମ କରୁଥିଲେ ହେଁ ସେମାନଙ୍କ ମନ ଏକ । ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ଥାଏ । କେହି କାହାକୁ ଛୋଟ ବୋଲି ଭାବନ୍ତି ନାହିଁ । ସମସ୍ତେ ମିଳିମିଶି ଚଳନ୍ତି । ଏକାଠି ମିଶି ନିଷ୍ପତ୍ତି ନିଅନ୍ତି ।

# ଅଭ୍ୟାସ -୩-ଗୋଲ ମଧ୍ୟରୁ ଅକ୍ଷର ନେଇ ଖାଲି ଜାଗାରେ ଲେଖ ।

ନି____ଷ

ନି____ଳ

ପର____ର

ଗା____କ

ଅ____ସୁଷ

____ଟିକ

ଷ୍ପ , ସ୍ପା ,

ଳ୍ପା

ଳ୍ପି , ସ୍ଫ

ସ୍ପ

ଷ୍ଫ , ସ୍ଫା



# ଅଭ୍ୟାସ -୩-ଗୋଲ ମଧ୍ୟରୁ ଅକ୍ଷର ନେଇ ଖାଲି ଜାଗାରେ ଲେଖ ।

ନିଷ୍କଣ୍ଠ
ନିଷ୍ଫଳ
ପରସ୍ପର
ଗାଳ୍ପିକ
ଅଳ୍ପାୟୁଷ
ସ୍ଫଟିକ



# ୪-କ ସ୍ତମ୍ଭରେ ଥିବା ଶବ୍ଦ ସହ ଖ ସ୍ତମ୍ଭ ରୁ ଉପଯୁକ୍ତ ଶବ୍ଦ ବାଛି ଯୋଡ |

| 'କ' | 'ଖ' |
| --- | --- |
| ଇସ୍ପାତ | ବାଷ୍‌ପ |
| ଅଳ୍ପ | କଳ୍‌ପବଟ |
| ବାଷ୍ପ | ଆସ୍‌ଫାଳନ |
| ନିଷ୍ଫଳ | ଇସ୍‌ପାତ |
| କଳ୍ପବଟ | ନିଷ୍‌ଫଳ |
| ଆସ୍ଫାଳନ | ଅଳ୍‌ପ |
| ଆସ୍ପର୍ଦ୍ଧା | ଗଳ୍‌ପ |
| ଗଳ୍ପ | ନିଷ୍‌ପତ୍ତି |
| ନିଷ୍ପତ୍ତି | ଆସ୍‌ପର୍ଦ୍ଧା |

PATHAGARA.ODIAPORTAL.IN
By OdiaPortal.in

## ୧ ୩ –ତୁମ ଗାଁରେ ଚାଷୀଟିଏ ଯେଉଁସବୁ ଫସଲ କରେ ତାକୁ ବୁଝି ତାଲିକା କର |

| | | |
|---|---|---|
| • ଧାନ | ମୁଗ | ମଟର |
| • ଗହମ | ବିରି | କାନ୍ଦୁଲ |
| • ମାଣ୍ଡିଆ | ବୁଟ | ମକା |
| • ସୋରିଷ | କୋଳଥ | ଆଖୁ |
| • ଚିନାବାଦାମ | ହରଡ | ହଳଦୀ |

# ପଠନର ମୂଲ୍ୟାଙ୍କନ

ODM EDUCATIONAL GROUP
Changing your Tomorrow



# ୫ଟି ପଠନ ମୂଲ୍ୟାୟନର ପର୍ଯ୍ୟାୟ ସ୍ତର

ODM EDUCATIONAL GROUP
Changing your Tomorrow

୫: ଗପ ସ୍ତର ।

୪: ଅନୁଚ୍ଛେଦ ସ୍ତର ।

୩: ଶବ୍ଦ ସ୍ତର ।

୨: ଅକ୍ଷର ସ୍ତର ।

୧: ପ୍ରାରମ୍ଭିକ ସ୍ତର ।

# ନମୁନା- ୧

# ୫ଟି ପଠନ ମୂଲ୍ୟାୟନର ପର୍ଯ୍ୟାୟ ସ୍ତର

ODM EDUCATIONAL GROUP
Changing your Tomorrow

୫:  ଗପ ସ୍ତର ।

୪:  ଅନୁଚ୍ଛେଦ ସ୍ତର ।

୩:  ଶବ୍ଦ ସ୍ତର ।

୨:  ଅକ୍ଷର ସ୍ତର ।

୧:  ପ୍ରାରମ୍ଭିକ ସ୍ତର ।

ଏହି ସ୍ତର ଦେଇ ପିଲା ମାନଙ୍କର ପଢ଼ିବା ଫଳାଫଳକୁ ମୂଲ୍ୟାଙ୍କନ କରାଯିବ ।

# ପ୍ରଶ୍ନ ଗୁଡିକର ଉତ୍ତର ଦିଅ |

ODM EDUCATIONAL GROUP

୧ –କିଏ ହାଣ୍ଡି ମାଠିଆ ଗଢେ ?

୨–ଲୁହା କାରିଗର କଣ କଣ ତିଆରି କରେ?

୩ –କ୍ଷୀର ରୁ କଣ କଣ ତିଆରି କରାଯାଏ ?

୪ –ଗୋପାଳକ କିପରି ଭାବରେ ଜୀବିକା ନିର୍ବାହ କରନ୍ତି ?

୫ –ବାଚସ୍ପତି ମହାରଣା କିଏ ?

୬ – ବାଚସ୍ପତି ମହାରଣା କେଉଁଥିରେ କଣ ତିଆରି କରନ୍ତି ?

୭ – ଗାଁ ର ଲୋକମାନେ କିପରି ଚଳନ୍ତି ?

# ଗୃହକର୍ମ

## ଅଭ୍ୟାସ -୫ ବାକ୍ୟ ଗୁଡିକୁ ଖାତାରେ ଲେଖ |



# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ ଓ ଲିଖନ ଶୈଳୀ ର ଅଭିବୃଦ୍ଧି ଘଟିବ |



ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP